ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ଜୁଲାଇ ୧୭**

# ମାଉସୀ ମାଆ


ଡ଼ଃ. ଅରୁନ୍ଧତୀ ଦେବୀ

ଆମ ସାମାଜିକ ଜୀବନ ଓ ଲୋକ ଚଳଣୀରେ ମାଉସୀ ଶବ୍ଦଟି ଅତି ପ୍ରିୟ ଓ ଆପଣାର । ଓଡ଼ିଆରେ ଗୋଟିଏ କଥା ଅଛି 'ମା ଅଧା ମାଉସୀ, ବାପ ଅଧା ପିଉସୀ' । ଠିକ ସେହିପରି ପରମବ୍ରହ୍ମ ଜଗତ ସ୍ରଷ୍ଟା କାଳିଆ ଠାକୁରଙ୍କର ମଧ୍ୟ ଯେ ମାଉସୀ ରହିଛନ୍ତି ତାହା ହୁଏତ ଅନେକ ଜାଣିନଥାନ୍ତି । ବର୍ଷରେ ଥରେ ମାଉସୀ ମାଆ ଘରକୁ ମହାପ୍ରଭୁ ବଡ଼ଭାଇ ବଳଭଦ୍ର ଓ ସାନ ଭଉଣୀ ସୁଭଦ୍ରାଙ୍କୁ ନେଇ ଯେଉଁ ବିଶ୍ୱ ବିଦିତ ଜଗତଯାତ୍ରାରେ ଯାଇଥାନ୍ତି ତାର ନାମ ହେଉଛି ପତିତପାବନ ଯାତ୍ରା । ବଡ଼ଦାଣ୍ଡରେ ଗଲାବେଳେ ଗୋଟିଏ ଜାଗାରେ କିଛି ବେଳ ଅଟକି ଯାଆନ୍ତି ବଡ଼ ଠାକୁର । କାହିଁକି ନା ସେଇଠି ହିଁ ମହାପ୍ରଭୁଙ୍କ ମାଉସୀ ମା'ଘର । ଏହି ବାଟ ଦେଇ ଯାଉଛନ୍ତି ଯେତେବେଳେ, ଟିକିଏ ଅଟକି ନ ଯିବେ କେମିତି ?

ବଳ ବୟସ କମିଯିବା ହେତୁ ମାଉସୀ ମା'ର ଅ□ ନଇଁ ଯାଇଛି ସିନା, ହେଲେ ନିଜ ପିଲା ଆସୁଛନ୍ତି ଯେତେବେଳେ ମନ କ'ଣ ଥୟ ଧରିବ ? ସେ ତା' ପିଲାଙ୍କୁ ଟିକିଏ ଆଖି ପୁରେଇ ଦେଖିବ, ତାଙ୍କୁ ନିଜ ହାତ ତିଆରି ପୋଡ଼ ପିଠା ଖୁଆଇବ, ଏଥିପାଇଁ ମାଉସୀ ମା'ର ଖୁସି କହିଲେ ନସରେ । ବର୍ଷକରେ ଥରେ ରଥରେ ବାହୁଡ଼ାଦିନ ଏହି ବାଟ ଦେଇ ଫେରିବା ବେଳେ ଠାକୁର ମାଉସୀ ମା' ହାତରୁ ପୋଡ଼ ପିଠା ଖାଇଥାନ୍ତି । ଠାକୁରଙ୍କ ଏହି ମାଉସୀ ମା' ହେଲେ ଅର୍ଦ୍ଧାସିନୀ ଦେବୀ । ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ମଝି ଭାଗରେ ଅବସ୍ଥିତ ମାଉସୀ ମା' ମନ୍ଦିର । କେଶରୀ ବଂଶ ରାଜାଙ୍କ ରାଜତ୍ୱ କାଳରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ଭିତରେ ପୂଜା ପାଉଛନ୍ତି – ମାଉସୀ ମା ଅର୍ଦ୍ଧାସିନୀ । ମାଙ୍କ ମୂର୍ତ୍ତି କୃଷ୍ଣ ପଥରରେ ତିଆରି, ସେ ଦ୍ୱିଭୁଜା । ଦୁଇ ପାଖରେ ଅଛନ୍ତି ଦୁଇ ପାର୍ଶ୍ୱଦେବୀ ଛାୟା ଓ ମାୟା । ମୂର୍ତ୍ତିର କଟି ବେଶରୁ ଉପର ଅଂଶକୁ ଆଚ୍ଛାଦିତ କରି ଦେବୀ ସୁଭଦ୍ରାଙ୍କ ମୁଖାଟିଏ ଚାପି ଦିଆଯାଇଛି । ବର୍ଷକରେ ଦୁଇଥର ଆଶ୍ୱିନ ଓ ଆଷାଢ଼ ମାସରେ ଏଇ ମୁଖାକୁ ବନକଲାଗି କରାଯାଇଥାଏ । କୁହାଯାଏ ଅର୍ଦ୍ଧାସିନୀ ଦେବୀ ହେଉଛନ୍ତି ଦଇତାମାନଙ୍କର ଇଷ୍ଟ ଦେବୀ । ମୁଖ୍ୟ ମନ୍ଦିରର ଉଚ୍ଚତା ପ୍ରାୟ ୨୦ ଫୁଟ । ଏହାସହ ରହିଛି ମୁଖଶାଳା ଓ ଜଗମୋହନ । ମନ୍ଦିରର ଦ୍ୱାର ଦେଶରେ ଅଛି ଗଜସିଂହାର ଭାସ୍କର୍ଯ୍ୟ । ଜଗମୋହନରେ ଦଶଅବତାର, ଦଶମହାବିଦ୍ୟା, ଦଶଭୂଜା ଦୁର୍ଗା ପ୍ରତ୍ୟହ ପୂଜା ପାଉଛନ୍ତି । ମାଉସୀ ମା ଯୋଗମାୟାଙ୍କ ଭଉଣୀ ସ୍ୱରୂପା ବୋଲି ମଧ୍ୟ କେହି କେହି କହିଥାନ୍ତି । ମନ୍ଦିରର ଆଧାତ୍ମିକ ପରିବେଶରେ ନବଗ୍ରହ, ଶିବ-ପାର୍ବତୀ, ଜଗନ୍ନାଥ, ରାଧା-କୃଷ୍ଣ, ରାମ-ସୀତା, ନୃସିଂହ, ଗଣେଷ ଓ ହନୁମାନ ପ୍ରଭୃତି ଦେବାଦେବୀ ସ୍ଥାନ ପାଇଛନ୍ତି । କୁହାଯାଏ – ଶ୍ରୀରାମ ବନବାସ ପୂର୍ବରୁ ମା' କୈକେୟୀଙ୍କୁ କହିଥିଲେ ଯେ ତୋ-ମୋ ସମ୍ପର୍କ ଜନ୍ମଜନ୍ମାନ୍ତରର । ଦ୍ୱାପରରେ ତୁ ହେବୁ ଯଶୋଦା ଓ ମୁଁ କାହ୍ନା । ଆଉ କଳିରେ ମୁଁ ହେବି ଦାରୁବ୍ରହ୍ମ ତୁ ମୋ ମାଉସୀ ମା । ତେଣୁ ଶ୍ରୀଜଗନ୍ନାଥଙ୍କ ମାଉସୀ ମା' ଭାବେ ଜଣାଶୁଣା ଏହି ଅର୍ଦ୍ଧାସିନୀ ଦେବୀ । ଦେବୀ ପୂଜା ପାଉଛନ୍ତି ବନଦୂର୍ଗା ମନ୍ତ୍ରରେ ।

ଆଜି ଯେଉଁଠି ବଳଗଣ୍ଡି ସାହି ଅଛି, ପୂର୍ବରୁ ସେଠାରେ ବହିଯାଇଥିଲା ମାଳିନୀ ନଈ । ଗୁଣ୍ଡିଚାଘରୁ ରଥରେ ଫେରୁଥିବା ଶ୍ରୀଜୀଉ ଏଇଠି ଟିକିଏ ଅଟକି ଯାଇ ମାଉସୀ ମା' ହାତରୁ ଶ୍ରଦ୍ଧାର ପୋଡ଼ ପିଠା ଖାଇ ପୁଣି ଭେଳାରେ ନଈ ପାରି ହୋଇ ଅନ୍ୟ ତିନି ରଥରେ ଆସିଥାନ୍ତି । ଆଜି କିନ୍ତୁ ସେ ନଈ ନାହିଁ, ଠାକୁର ବଡ଼ଦାଣ୍ଡରେ ଗୁଣ୍ଡିଚା ଘରକୁ ଯାଇ ବାହୁଡୁଛନ୍ତି । କିନ୍ତୁ ଯାହାହେଲେ ବି ମାଉସୀ ମା'ଙ୍କ ନିକଟରେ ମହାପ୍ରଭୁ ଅଟକିବା ନିଶ୍ଚିତ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ*

# ଭ୍ରମଣ ଓ ମେକ୍‌ଅପ୍


ଅପର୍ଣ୍ଣା ନାୟକ

ଘରେ ବସି ବସି ବୋର୍ ଲାଗୁଛି । ବାହାରକୁ ହେଉ ଅବା ଦୂର ସ୍ଥାନକୁ ବୁଲିବାକୁ ଯାଉଛନ୍ତି । ଏ ସମୟରେ କିପରି ମେକ୍‌ଅପ୍ ନେବେ ସେ ସମ୍ପର୍କରେ ମନେ ରଖନ୍ତୁ କେତୋଟି ଟିପ୍‌ସ...

– ମେକ୍‌ଅପ୍ ସାମଗ୍ରୀଗୁଡ଼ିକୁ ଅଲଗା ରଖନ୍ତୁ । ଏଗୁଡ଼ିକ ଏକତ୍ର ଗୋଟିଏ ବ୍ୟାଗ୍‌ରେ ପ୍ୟାକ୍ କରନ୍ତୁ, ଯାହାଦ୍ୱାରା ଦରକାର ସମୟରେ ଅନ୍ୟତ୍ର ଖୋଜିବାକୁ ପଡ଼ିବ ନାହିଁ ।

– ଲିପ୍‌ଷ୍ଟିକ, ଆଇଶ୍ୟାଡ଼ୋ, ମସ୍କାରା, ପାଉଡ଼ର ଆଦି ସାମଗ୍ରୀ ମେକ୍‌ଅପ୍ କିଟ୍‌ରେ ଅଛି କି ନାହିଁ ଦେଖି ନିଅନ୍ତୁ ।

– ବାହାରକୁ ଯିବା ପୂର୍ବରୁ ଆବଶ୍ୟକ ମୁତାବକ ମେକ୍‌ଅପ୍ ନିଅନ୍ତୁ । ବାଟରେ କେବଳ ଟଚ୍ ଅପ୍ କଲେ ଆପଣଙ୍କ ତ୍ୱଚା ଆକର୍ଷଣୀୟ ଦେଖାଯିବ ।

– ଧୂଳି ମଳିର ପ୍ରଭାବ କେଶ ଉପରେ ଯେପରି ନ ପଡ଼େ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ଗାଡ଼ି କିମ୍ବା ବାଇକ୍‌ରେ ଯିବା ସମୟରେ, ବୋଟିଂ କରିବା ସମୟରେ ମୁଣ୍ଡରେ ସ୍କାର୍ଫ ବାନ୍ଧିଲେ କିଛି କ୍ଷତି ନାହିଁ ।

– ଦୂର ସ୍ଥାନକୁ ବେଶି ଦିନ ପାଇଁ ଯାଉଥିଲେ ମେକ୍‌ଅପ୍ ସାମଗ୍ରୀ ସହ ମ୍ୟାଚ୍ କରିବା ଭଳି ଡ୍ରେସ୍ ମଧ୍ୟ ନିଅନ୍ତୁ ।

– ସାଥିରେ ପରଫ୍ୟୁମ ନେବାକୁ ଭୁଲନ୍ତୁ ନାହିଁ ।

–ବାହାରେ ବୁଲିବା ସମୟରେ ସନ ସ୍କ୍ରିନ୍ ଲୋଶନ ସବୁବେଳେ ପାଖରେ ରଖନ୍ତୁ ।

–ବାହାର ପରିବେଶ ଦ୍ୱାରା ତ୍ୱଚା ବେଶି ପ୍ରଭାବିତ ହୋଇଥାଏ । ଏଥିପାଇଁ ମଶ୍ଚରାଇଜର, କ୍ଲିଜନିଙ୍ଗ, ଟୋନିଙ୍ଗ୍ ମଧ୍ୟ ନିଜ ପାଖରେ ରଖନ୍ତୁ ।

– ଆଖିର ମେକ୍‌ଅପ୍ ଏପରି କରନ୍ତୁ, ଯେପରି ତାହା ଦିନ ତମାମ ରହେ ।

–ବାହାରେ ବୁଲିବା ସମୟରେ ଟିସୁ ପେପର ନିଜ ପାଖରେ ରଖନ୍ତୁ । ତ୍ୱଚାରେ ଧୂଳିମଳି ଲାଗିଲେ ପୋଛିବା ପାଇଁ ଏହି ପେପରକୁ ହିଁ ବ୍ୟବହାର କରନ୍ତୁ ।

କଥାରେ ଅଛି ଚେହେରା ସବୁକିଛି କହିଥାଏ । ବିଶେଷକରି ମହିଳାଙ୍କ କ୍ଷେତ୍ରରେ ଆଉ ବାହାରକୁ ଯାଉଛନ୍ତି ଅର୍ଥ ଅନେକଙ୍କ ଦୃଷ୍ଟିକୁ ତ ଆସିବେ ନିଶ୍ଚୟ ତେଣୁ ମେକଅପ କ୍ଷେତ୍ରରେ ନୋ କର୍ମ୍ପୋମାଇଜ୍, ବଜାରରୁ ବା କାହାଙ୍କ ଠାରୁ କିଛି ଶୁଣି ଯେ କୌଣସି କମ୍ପାନୀର କ'ଣ ଗୋଟିଏ ମେକଅପ୍ ସାମଗ୍ରୀ ଆଦୌ କିଣନ୍ତୁ ନାହିଁ । ସୋସିଆଲ ସାଇଟରୁ ଭଲ ଭାବେ ବୁଝି ନିଅନ୍ତୁ । ଏହି କିଛି ଦିନ ତଳେ ନାମୀ ଦକ୍ଷିଣ ଅଭିନେତ୍ରୀ ସୁରଚିତାଙ୍କ ଏହି ମେକଅପ ସଂକ୍ରମଣ କାରଣରୁ ମୃତ୍ୟୁ ହୋଇଥିବାର ଖବର ନିଶ୍ଚୟ ଜାଣିଥିବେ । ସେହିପରି ମେକଅପର ପରିପାର୍ଶ୍ୱିକ ଅବସ୍ଥା ଦେଖିବା ସହ ଏହା ଯେପରି ଆପଣଙ୍କ ପାଇଁ ହାଲକା ହୁଏ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ । ଘରୋଇ ସାମଗ୍ରୀ ମେକଅପ୍ ତିଆରିରେ କେବଳ ସୁଲଭ ହୋଇନଥାଏ ବରଂ ଶରୀର ପାଇଁ ବାସ୍ତବ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । ତେବେ ସବୁ ଆଡ଼କୁ ଦେଖି ନିଜକୁ ସୁସଜ୍ଜିତ କରନ୍ତୁ । ସୁନ୍ଦର ଦିଶିବେ ଆଉ ଆପଣଙ୍କ ସୌନ୍ଦର୍ଯ୍ୟ ଅନେକଙ୍କ ପାଇଁ କେବଳ ଦୃଷ୍ଟି ଆକର୍ଷଣକାରୀ ନୁହେଁ, ଶିକ୍ଷଣୀୟ ହୋଇପାରେ ଏବଂ କାହାଙ୍କ କାହାଣୀ ପାଇଁ କେହି କେହି ବି ମାନସୀ ନାୟିକା ହୋଇପାରନ୍ତି !

ମେନ ସାଗର ପାନ ରୋଡ଼, ନଂ-୩,
ବାଲାଜୀ ଡିପାର୍ଟମେଂଟାଲ ଷ୍ଟୋର,
ନୂଆଦିଲ୍ଲୀ, ପିନ-୧୧୦୦୪୬

# ସଂଗ୍ରାମୀ ସୌମ୍ୟାଶ୍ରୀ : ପ୍ରଶ୍ନ ଅନେକ, କିଏ ଉତରଦାୟୀ ?

**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

ନୂଆଦିଲ୍ଲୀର ଭୟାବହ ନିର୍ଭୟା କାଣ୍ଡ ସମଗ୍ର ଭାରତବାସୀଙ୍କୁ କେବଳ ବିଚଳିତ କରିନଥିଲା ହତଭାଗ କରିଦେଇଥିଲା । ଆଜି ବି ଆମ ସମାଜରେ ଅନେକ ନିର୍ଭୟା ନ୍ୟାୟଟିକକ ପାଇଁ ଜୀବନ ହାରୁଛନ୍ତି । ମହିଳାଙ୍କ ପାଇଁ ଓଡ଼ିଶା ଅସୁରକ୍ଷିତ ପାଲଟି ଯାଇଛି । ଖୋଦ ସରକାରଙ୍କ ତଥ୍ୟ ମୁତାବକ ରାଜ୍ୟରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଅନ୍ୟ ରାସ୍ତାରେ ଗତ ଚାରି ବର୍ଷ ଭିତରେ ୫୬୬୮ ଜଣ ମହିଳା ଅସଦାଚାରଣକୁ ସାମ୍ନା କରିଛନ୍ତି । ଏକ୍ଷେତ୍ରରେ ଦ୍ୱୈତନଗରୀର ମାନ୍ୟତା ପାଇଥିବା ଓ ନୀତିନିର୍ଦ୍ଧାରକ ତଥା ମୁଣ୍ଡିଆଳଙ୍କ ଆବାସ ସ୍ଥଳୀ ସୁରକ୍ଷିତ ଅଂଚଳ କୁହାଯାଉଥିବା ଭୁବନେଶ୍ୱର ପୁଲିସ ଜିଲ୍ଲାର ସ୍ଥାନ ପ୍ରଥମ । ବାଲେଶ୍ୱରର ସ୍ଥାନ ଷଷ୍ଠ । କେବଳ ରାସ୍ତାଘାଟରେ ଅସଦାଚରଣ ନୁହଁନ୍ତି ଦିନ ଦ୍ୱିପ୍ରହରରେ ଲୋକମାନଙ୍କ ସାମ୍ନାରେ ଏପରି ଅନେକ ଅଭାଗିନୀ ନ୍ୟାୟ ଅପେକ୍ଷାରେ । ୨୦୨୦ରୁ ୨୦୨୪ ଭିତରେ ରାଜ୍ୟରେ ୫୬୬ଟି ଅସଦାଚରଣ ମାମଲା ଆସିଛି । ଭୁବନେଶ୍ୱରରେ ୧୩୪୧ କେସ ରହିଥିବାବେଳେ ଦ୍ୱିତୀୟରେ ରହିଛି ସମ୍ବଲପୁର ଯେଉଁଠି ୪୫୩ ଜଣ ଶିକାର ହୋଇଛନ୍ତି, ୩୧୦ଟି ମାମଲ ସହ ତୃତୀୟରେ ରହିଛି ନୂଆପଡ଼ା । ଭଦ୍ରକରେ ୨୪୦ଟି, ପୁରୀରେ ୧୮୯, ବାଲେଶ୍ୱର ୮୧, ଅନୁଗୁଳ ୧୦୭, ବରଗଡ଼ରେ ୪୯, ବଲାଙ୍ଗୀର ୨୮, ଦେବଗଡ଼ରେ ୧୯ ଜଣ ମହିଳା ଏପରି ଅସଦାଚରଣର ଶିକାର ହୋଇଛନ୍ତି । ସୌମ୍ୟାଶ୍ରୀର ଘଟଣାଟି ଭାତ ହାଣ୍ଡିରୁ ଗୋଟିଏ ପରି କୁହାଯାଏ । ବାଲେଶ୍ୱରର ଏହି ଝିଅର ଯେଉଁପରି ଦୁଃଖଦ ମୃତ୍ୟୁ ଘଟଣାଟି ଘଟିଲା ଏହା ଜାତୀୟ ସ୍ତରରେ ଚର୍ଚ୍ଚା ସୃଷ୍ଟି କରିଛି । ବିରୋଧୀ ଦଳ ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବଡ଼ କ୍ଷୋଭର ସହ ଉଲ୍ଲେଖ କରିଛନ୍ତି ଯେ 'ନ୍ୟାୟ ପାଇଁ ସଂଘର୍ଷ କରୁଥିବା ଓଡ଼ିଆ ଝିଅର ମୃତ୍ୟୁ ବିଜେପି ବ୍ୟବସ୍ଥାଦ୍ୱାରା କରାଯାଇଥିବା ଏକ ପ୍ରତ୍ୟକ୍ଷ ହତ୍ୟା ଅଟେ । ଯୌନ ନିର୍ଯାତନା ବିରୋଧରେ ସାହାସୀ ଝିଅ ଜଣକ ନିଜ ସ୍ୱର ଶାଣିତ କରିଥିଲେ ହେଲେ ନ୍ୟାୟ ବଦଳରେ ତାଙ୍କୁ ବାରମ୍ବାର ଧମକ, ମାନସିକ ନିର୍ଯାତନା ଓ ଅପମାନ ମିଳିଥିଲା । ଯିଏ ତାଙ୍କୁ ସୁରକ୍ଷା ଦେବାର ଆବଶ୍ୟକତା ଥିଲା ସେମାନେ ହିଁ ଛାତ୍ରୀ ଜଣଙ୍କୁ ମାନସିକ ଭାବେ ଭାଙ୍ଗି ଦେଇଥିଲେ । ସବୁଥର ଭଳି ଚଳିତଥର ମଧ୍ୟ ବିଜେପି ଅଭିଯୁକ୍ତମାନଙ୍କୁ ବଂଚାଇବାକୁ ଚେଷ୍ଟା କରି ଜଣେ ନିରୀହ ଝିଅକୁ ନିଜ ଦେହରେ ନିଆଁ ଲଗାଇ ଦେବାକୁ ବାଧ୍ୟ କରିଥିଲା । ଏହା ଏକ ଆତ୍ମହତ୍ୟା ନୁହେଁ ବରଂ ସଂଗଠିତ ହତ୍ୟା ।' ସେହିପରି ସାଂସଦ ପ୍ରିୟଙ୍କା ଗାନ୍ଧୀ ଉଲ୍ଲେଖ କରିଛନ୍ତି ଯେ – 'ଓଡ଼ିଶାରେ ଆଉ ଜଣେ ଝିଅ ନ୍ୟାୟ ପାଇଁ ଲଢ଼ି ଲଢ଼ି ହାରିଗଲା । ନିଜ ସହ ହୋଇଥିବା ଅତ୍ୟାଚାରକୁ ନେଇ ସେ ସ୍ୱର ଉଠାଇଥିଲା କିନ୍ତୁ ନ୍ୟାୟ ବଦଳରେ ତାକୁ ଅପମାନ ଓ ତାଡ଼ନା ମିଳିଥିଲା । କେବଳ ସେତିକି ନୁହେଁ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରି ସେ କହିଛନ୍ତି 'ପ୍ରଧାନମନ୍ତ୍ରୀ ଜୀ କ'ଣ ଦେଶର ଅଧା ଜନସଂଖ୍ୟା ନ୍ୟାୟର ଆଶା ଛାଡ଼ିଦେବା ଉଚିତ ।'

ଫ କା ର ମୋ ହ ନ ମହାବିଦ୍ୟାଳୟର ସୌମ୍ୟାଶ୍ରୀଙ୍କ ଆତ୍ମାହୂତି ଘଟଣା ଅନେକ ପ୍ରଶ୍ନ ଛିଡ଼ା କରିଛି । ଶିକ୍ଷାବିତ, ଅଭିଭାବକ ଓ ଓଡ଼ିଶାର ପ୍ରତିଟି ଲୋକଙ୍କ ଭିତରେ ଅନେକ ପ୍ରଶ୍ନ ଉଠାଇଛି । ତଥାକଥିତ ଡବଲ ଇଞ୍ଜିନର ଓ ନାରୀ ଶିକ୍ଷାର ତଥା ନାରୀ ସୁରକ୍ଷାର ଢ଼ୋଲ ପିଟୁଥିବା ବିଜେପି ସରକାର ବାସ୍ତବରେ ନାରୀ ମାନଙ୍କୁ କେଉଁ ପ୍ରକାର ସୁରକ୍ଷା ଦେଉଛି ? ଏପରି ଏକ ସମ୍ବେଦନଶୀଳ ଘଟଣାର କିଛି ଦିଗ ଆମେ ଆଲୋକପାତ କରୁଛୁ । ଠିକ ଛଅ ମାସ ତଳେ ଯାଜପୁର ଜିଲ୍ଲା ବରୀ ବ୍ଲକରେ ଜଣେ ଛାତ୍ରୀଙ୍କୁ ସମାନ ବ୍ୟବହାର କରାଯାଇଥିଲା ଓ ପୀଡ଼ିତା ଖୋଦ ଆତ୍ମହୂତୀ ଧମକ ଦେବା ପରେ ପୁଲିସ ମାମଲା ରୁଜୁ କରିଥିଲା ଅଭିଯୁକ୍ତ ଗିରଫ ହେବା ସହ ଶିକ୍ଷା ବିଭାଗରୁ ବହିସ୍କୃତ ମଧ୍ୟ ହୋଇଥିଲେ । କହିବାକୁଗଲେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ନେଇ ଶିକ୍ଷା ବିଭାଗ, ପୁଲିସ ଓ ଲୋକପ୍ରତିନିଧିମାନେ ସେପରି ସଚେତନ ନୁହଁନ୍ତି । ଏହି ପ୍ରସଙ୍ଗକୁ ନେଇ ଦୁଇ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଓ ବିଜେଡ଼ି ଜୋରଦାର ପ୍ରତିବାଦ ଓ ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି । ଏକ ଦୁଃଖଦ ସଂଯୋଗ ହେଉଛି ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳିତ, ଦାୟିତ୍ୱବାନ ଓ ଦେଶପ୍ରେମୀ ଭାବେ ଗଢ଼ି ତୋଳିବା ସହ ଏନସିସିରେ ଛାତ୍ରଛାତ୍ରୀଙ୍କ ଅଂଶ ଗ୍ରହଣ କରିବାକୁ ବୃଦ୍ଧି କରିବାକୁ ବିଶ୍ୱବିଦ୍ୟାଳୟ କୁଳପତି ମାନଙ୍କ ସମ୍ମିଳନୀରେ କିଛି ଦିନ ତଳେ କୁଳପତି ମାନଙ୍କ ସମ୍ମିଳନୀରେ ରାଜ୍ୟପାଳ କହିଥିଲେ । ଏହାସହ ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନା ରୋକିବା ଦିଗରେ ପଦକ୍ଷେପ ନେବାକୁ ରାଜ୍ୟପାଳ କଡ଼ାକଡ଼ି ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ବିଜେପି ସରକାରକୁ ଆସିବା ପରଠାରୁ ଓଡ଼ିଶାରେ ଛାତ୍ର ରାଜନୀତି ସକ୍ରିୟ ହୋଇଛି । ଏପଟେ କ୍ୟାମ୍ପସ ଗୁଡ଼ିକ ସୁରକ୍ଷିତ ନୁହେଁ । ଆଗକୁ ଛାତ୍ର ନିର୍ବାଚନ ଥିବାରୁ କ୍ୟାମ୍ପସରେ ଏବେ ରାଜନୀତି ମଧ୍ୟ ତେଜୀୟାନ ତେବେ ଏ ସବୁ ଭିତରେ ବଳି ପଡୁଛନ୍ତି ସୌମ୍ୟାଶ୍ରୀ ପରି ମେଧାବୀ ଓ ପ୍ରତିଭାବାନ ଝିଅଟି । ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା କ୍ୟାମ୍ପସରେ ଝିଅ ମାନଙ୍କ ସୁରକ୍ଷା ପାଇଁ ବିଶାଖା ଗାଇଡ଼ ଲାଇନ ରହିଛି ।

ଆଜିର ସମୟରେ ଏଭଳି ନିୟମିତ ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନର ଉଦାସୀନତା ହିଁ ସବୁଠାରୁ ବଡ଼ କାରଣ । ସୌମ୍ୟାଶ୍ରୀ ଅସୀମ ସାହାସ ଦେଖାଇ ଶକ୍ତିଶାଳୀ ନ୍ୟସ୍ତସ୍ୱାର୍ଥ ବ୍ୟବସ୍ଥା ବିରୁଦ୍ଧରେ ଏକାକିନୀ ଲଢ଼େଇ କରି ଜୀବନ ହାରି ଦେଇଛି । ଏ କଥାକୁ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଖୋଦ ସେ ମଧ୍ୟ ସୂଚନା ଦେଇଥିଲେ । କିନ୍ତୁ କେହି ଏହାକୁ ଗୁରୁତ୍ୱ ଦେଲେନାହିଁ । ବାଲେଶ୍ୱରର ସୌମ୍ୟାଶ୍ରୀଙ୍କ ଘଟଣା ଶିକ୍ଷାନୁଷ୍ଠାନରେ ଗୁରୁଶିଷ୍ୟ ପବିତ୍ରତାର ଅଧୋଗତିକୁ କେବଳ ସୂଚୀତ କରିନାହିଁ ଆମ ସରକାରୀ ଆଇନ କାନୁନ, ସାମାଜିକ, ରାଜନୈତିକ ବ୍ୟବସ୍ଥା ମଧ୍ୟ ତାଙ୍କୁ ସୁରକ୍ଷା ଦେବାରେ ସମର୍ଥ ହୋଇନି । ତେବେ ଏହି ଦୁଃଖଦ ଘଟଣା ପାଇଁ ଉ□ରଦାୟିତ୍ୱ କାହାର । ପୀଡ଼ିତା ଛାତ୍ରୀର ଅଭିଯୋଗକୁ ଅଣଦେଖା କ'ଣ ପାଇଁ କରାଗଲା । ପୋଲିସ ମଧ୍ୟ ଅଭିଯୋଗ ପାଇଁ ତଦନ୍ତ କରିବା ପରିବ□ ଅଧ୍ୟାପକଙ୍କୁ ଭେଟି କାହିଁକି ନୀରବ ରହିଥିଲେ ? ଏହି ଘଟଣା ରାଜ୍ୟରେ ରାଜନୈତିକ ଝଡ଼ ମଧ୍ୟ ସୃଷ୍ଟି କରିଛି । ସୌମ୍ୟାଶ୍ରୀଙ୍କ ବଳୀଦାନ ରାଜ୍ୟ ସରକାରଙ୍କୁ ଶିକ୍ଷା ଦେଇଥିବ ବୋଲି ଆଶା କରୁଛୁ । ଭବିଷ୍ୟତରେ ଶିକ୍ଷାନୁଷ୍ଠାନ ହେଉ ବା ସରକାରୀ, ବେସରକାରୀ କାର୍ଯ୍ୟାଳୟ ଏଭଳି ଘଟଣାର ଯେପରି ପୁନରାବୃ□ ନଘଟେ ସେଥିପାଇଁ ସରକାର ସଚେତନ ହେବା ଜରୁରୀ । କିନ୍ତୁ ପାପୀଷ୍ଟଙ୍କ ବିରୁଦ୍ଧ ଦୃଷ୍ଟାନ୍ତ ମୂଳକ ଓ ଫାଷ୍ଟଟ୍ରାକ ଅଦାଲତଙ୍କ ଦ୍ୱାରା ଦଣ୍ଡ ବିଧାନ ହେଉ ଏବଂ ଅଭିଯୋଗ ମୁତାବକ ଝିଅଟିକୁ ଆତ୍ମ ଆହୁତି ଦେବା ପାଇଁ ଉସୁକାଇ ଥିବା ଓ ଏ ଘଟଣାରେ ନୀରବଦ୍ରଷ୍ଟା ସାଜିଥିବା ତାଙ୍କ ସମର୍ଥକ ହୁଅନ୍ତୁ ବା ବିରୋଧୀ ସମସ୍ତେ ଅଭିଯୋଗର ପରିସରକୁ ଆସି କଠୋର ଦଣ୍ଡରେ ଦଣ୍ଡିତ ହୁଅନ୍ତୁ । ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦଗତି କାମନା କରୁଛୁ ଓ ତାଙ୍କ ଦୁଃଖ ସନ୍ତପ୍ତ ପରିବାର ସମସ୍ତଙ୍କ ପ୍ରତି ଗଭୀର ସମବେଦନା ଜଣାଉଛୁ ।

ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,

# ବୋଲବମ୍ ଓ ନିଶା


ପ୍ରଫେସର ଡାକ୍ତର ସମ୍ରାଟ କର

ଶ୍ରାବଣ ମାସ ସୋମବାର ସକାଳ । ମୁଁ ଗାଧୋଇ ପାଧେଇ ପୂଜା କରୁଥାଏ । ଏହି ସମୟରେ ଆମ ଘରର ରୋଷେୟା ଚନ୍ଦ୍ର ଆସି ଡାକିଲା 'ବାବୁ ଆସନ୍ତୁ ଟିକେ କ୍ଲିନିକ୍‌କୁ । ଆମ ଗାଁର କାଉଡିଆମାନେ ବୋଲ୍‌ବମ୍ ଧରି ଲିଙ୍ଗରାଜ ମନ୍ଦିରକୁ ଯାଉଥିଲେ । ମୋର ଦାଦାପୁଅ ଭାଇ ଶଙ୍କରା ହଠାତ୍ ଏମିତି ପାଟିତୁଣ୍ଡ କଲା ଯେ ସମସ୍ତେ ଅଧାରୁ ପଳାଇ ଆସିଲେ' । ମୁଁ ଡ୍ରେସ୍ ପିନ୍ଧି କ୍ଲିନିକ୍‌କୁ ଶୀଘ୍ର ଆସିଲି । ମୁଁ ଯାଇ ଦେଖିଲି ଶଙ୍କରାକୁ ତିନି ଚାରିଜଣ ମାଡି ବସିଛନ୍ତି । ସେ ବଡ଼ ପାଟିରେ ଗପି ଚାଲିଛି 'ମୁଁ ହେଉଛି ସ୍ୱୟଂ ମହାଦେବ । ମୋତେ ଧରିଲେ ସମସ୍ତଙ୍କୁ ମାରିଦେବି । ମୋ ପାଖରେ ବହୁତ ଟଙ୍କା ଅଛି । ସବୁ ସରପଂ, ମନ୍ତ୍ରୀ ମୋତେ ମୁଣ୍ଡିଆ ମାରିବେ । ତମେମାନେ ସବୁ ମୋତେ ମାରିଦେବାକୁ ଆଣିଛ । ଛାଡିଦିଅ ମୋତେ ଛାଡିଦିଅ ।' ମୁଁ ପଚାରିଲି 'ତୁମେମାନେ ମୋତେ ସତକଥା କୁହ ? ସେ ଗଞ୍ଜେଇ ଖାଇଛି ?' ଜଣେ ଯୁବକ ଟିକିଏ ହସିଦେଇ କହିଲା 'ସାର୍, ଆପଣ ଜାଣିଲେ ତ, ଲୁଚାଇବୁ କାହିଁକି ? ଆମେ ସମସ୍ତେ ଟିକେ ଟିକେ ଗଞ୍ଜେଇ ମାରିଛୁ । ଗଞ୍ଜେଇ ନ ଟାଣିଲେ କଅଣ ବୋଲ୍‌ବମ୍ ନେଇ ଯାଇହେବ ?' ମୁଁ ପଚାରିଲି, 'ତୁମେମାନେ କଅଣ ଗଞ୍ଜେଇ ଟାଣିବାକୁ କାଉଡିଆ ପାଲଟିଛ ? ନିଶା ସେବନ ପାଇଁ କଅଣ ଏହା ଏକ ବାହାନା ? ନା ପ୍ରକୃତରେ ମହାଦେବଙ୍କ ପାଖରେ ଆସ୍ଥା ଅଛି ?' ସମସ୍ତେ ମୁଣ୍ଡ ତଳକୁ ପୋତି ଛିଡାହେଲେ । ପାଖରେ ଛିଡା ହୋଇଥିବା ଜଣେ ମଧ୍ୟବୟସ୍କ ବ୍ୟକ୍ତି ପଚାରିଲେ 'ଲୋକମାନେ ନିଶାସେବନ କାହିଁକି କରନ୍ତି ?' ସମସ୍ତେ ଗଞ୍ଜେଇ ଟାଣିଲେ, କେବଳ ଏହି ଟୋକାଟିର କାହିଁକି ମୁଣ୍ଡ ଖରାପ ହେଲା ? ଆଉ କେତେଜଣ ଏତେ ମଦ ପିଉଛନ୍ତି ଯେ ଦିନେ ନ ପିଇଲେ ରହିପାରୁନାହାନ୍ତି । ଏହାର କଅଣ ଚିକିତ୍ସା ଅଛି ?' ମୁଁ କହିଲି 'ଆଗ ଏହି ପିଲାଟିକୁ ଇଞ୍ଜେକସନ୍ ଦେଇ ଶାନ୍ତ କରେ । ତା'ପରେ ସବୁ ପ୍ରଶ୍ନର ଉ□ର ଦେବି ।'

ନିଶା ସେବନର କାରଣ : ନିଶା ମନରୁ ଦୁଃଖ ସାମୟିକ ଭାବେ ଦୂର କରାଇ ଆନନ୍ଦ ଅନୁଭବ କରାଏ । ପ୍ରତିଥର ଏହି ଆନନ୍ଦ ଅନୁଭବ କରିବାକୁ ହେଲେ ଅଧିକରୁ ଅଧିକ ନିଶା ବ୍ୟବହାର କରିବାକୁ ପଡ଼ିଥାଏ । କାରଣ ଆମ ଶରୀରରେ ଥିବା ଜୀବକୋଷଗୁଡ଼ିକ ସମାନ ଫଳ ଦେଖାଇବା ପାଇଁ ପ୍ରତିଥର ଅଧିକ ନିଶା ମାତ୍ରା ଦରକାର କରିଥାନ୍ତି । ଏହାକୁ ଜୀବକୋଷଗୁଡ଼ିକର 'ନିଶା ଆସକ୍ତି ଭାବ' କୁହାଯାଏ । କେତେକ ନିଶା ଅଛି, ଯାହାକୁ ଥରଟିଏ ବ୍ୟବହାର କଲେ ମଧ୍ୟ ଜୀବକୋଷରେ ଆସକ୍ତିଭାବ ସୃଷ୍ଟି ହୋଇଥାଏ । ତେଣୁ ଏହି ନିଶା ଛାଡ଼ିଲାବେଳେ ଶରୀରରେ କେତେକ ଲକ୍ଷଣ ଦେଖାଯାଏ । ତେଣୁ ପୁଣି ଥରେ ନିଶା ଖାଇବା ପାଇଁ ଆସକ୍ତି ଭାବନା ସୃଷ୍ଟି ହୁଏ । ବାରମ୍ବାର ନିଶା ସେବନ ଦ୍ୱାରା ଆମର ଶାରୀରିକ ଓ ମାନସିକ ସ୍ତରରେ ନିଶାଦ୍ରବ୍ୟ ପ୍ରତି ନିର୍ଭରତା ଆସେ । ଯଦି କୌଣସି କାରଣରୁ ନିଶା ଦ୍ରବ୍ୟ ବ୍ୟବହାର କରୁଥିବା ଲୋକ କୌଣସି ଦିନ ନିଶା ନ ପାଏ, ତେବେ ତାହାର ଶାରୀରିକ ଓ ମାନସିକ ସ୍ତରରେ ପ୍ରଭାବ ଅନୁଭୂତ ହୁଏ । ମଦ ନିଶାଶକ୍ତ ବ୍ୟକ୍ତିମାନେ ଯେତେ କହିଲେ ମଧ୍ୟ ନିଶା ଛାଡି ପାରନ୍ତି ନାହିଁ; କାରଣ ମଦ ବନ୍ଦ କରିଦେଲେ ହାତ ଥରେ, ଛାତି ଧଡ୍‌ଧଡ଼୍ ହୁଏ, ମୁଣ୍ଡ ବିନ୍ଧେ, ଡର ଲାଗେ ଓ ନିଦ ହୁଏନାହିଁ । ଭାଙ୍ଗ, ଗଞ୍ଜେଇ ପ୍ରଭୃତି ନିଶାକୁ ଲୋକେ ସହଜରେ ଗ୍ରହଣ କରିନେଇଥାନ୍ତି ଓ ଏହା ସାମାଜିକ ପର୍ବପର୍ବାଣିରେ ବ୍ୟବହାର ହୋଇଥାଏ । ଆଜିକାଲି ମଦକୁ ମଧ୍ୟ ଗ୍ରହଣ କରାଗଲାଣି । ସେହି ନିଶାଗୁଡ଼ିକୁ 'ନରମ ନିଶା' ବୋଲି କୁହାଯାଏ । ଅଫିମ ଓ ଅଫିମରୁ ତିଆରି ମର୍ଫିନ୍, ପେଥିଡିନ୍, ହେରୋଇନ୍ ପ୍ରଭୃତି ନିଶା, ବେଶି ପରିମାଣରେ ମଦ ଇତ୍ୟାଦି ଜୀବକୋଷଗୁଡ଼ିକରେ ଶୀଘ୍ର ପରିବର୍ତନ ସୃଷ୍ଟି କରିପାରୁଥିବାରୁ 'ଟାଣୁଆ ନିଶା' ବୋଲି କୁହାଯାଏ । ଆମର ପ୍ରକୃତି ଓ ବ୍ୟକ୍ତିତ୍ୱ ଉପରେ ନିଶାସେବନ ମଧ୍ୟ ନିର୍ଭର କରେ । ଯେଉଁମାନେ ସାମାନ୍ୟ ନିରାଶାରେ ଭାଙ୍ଗିପଡ଼ନ୍ତି, ସେମାନେ ନିଶା ସେବନ କଲେ ତାହା ଆଉ ଛାଡ଼ିପାରନ୍ତି ନାହିଁ । ଏହା ପରୀକ୍ଷା କରି ଦେଖାଯାଇଛି ଯେ ଯେଉଁମାନଙ୍କ ବାପ ମା' ନିଶା ସେବନ କରନ୍ତି, ସେମାନଙ୍କ ପିଲାମାନେ ମାନସିକ ନିଶାସେବନ ପ୍ରତି ଦୁର୍ବଳତା ପ୍ରକାଶ କରିଥାନ୍ତି । ତେଣୁ ସେମାନେ ସୁବିଧା ପାଇଲେ ଖୁବ୍ ଶୀଘ୍ର ନିଶାଗ୍ରସ୍ତ ହୋଇଯାନ୍ତି । ନିଶା ଖାଇବାକୁ ନ ପାଇଲେ ଚୋରି, ଡକାୟତି ପ୍ରଭୃତି କରିବା ପାଇଁ ଲୋକମାନେ ବାଧ୍ୟ ହୁଅନ୍ତି । ନିଶା ରଖିବା ଓ ତା'ର ଚୋରାରେ ବ୍ୟବହାର କରିବା ଏକ ଲାଭଜନକ ବ୍ୟବସାୟ । ମାଗଣାରେ ନିଶାଦେଇ ସହକର୍ମୀ ଓ ସହପାଠୀମାନଙ୍କୁ ନିଶା ସେବନ ରାସ୍ତାରେ ପକାଇ ଦିଅନ୍ତି । ନୂଆ ବ୍ୟକ୍ତି ମଧ୍ୟ ନିଶାଦ୍ରବ୍ୟ ସରବରାହର ଏକ ଏଜେ[ ଭଳି କାର୍ଯ୍ୟ କରେ ଓ ଏହା ସହଜ ଅର୍ଥ ଉପାର୍ଜନର ଏକ ପନ୍ଥା ହୋଇଯାଏ । କେତେକଙ୍କ ଧାରଣା ଯେ ନିଶାଦ୍ରବ୍ୟ ଯୌନକ୍ରୀଡ଼ାରେ ଅଧିକ ଆନନ୍ଦ ଦିଏ । ଅଳ୍ପ ପରିମାଣର କେତେକ ନିଶା ସାମୂହିକ ଭାବେ ମନର ବିହ୍ୱଳ ଭାବ ଦୂର କରୁଥିବାରୁ ଯୌନକ୍ରିୟା ସମୟରେ ଅଧିକ ଆନନ୍ଦ ଦେଲା ପରି ବୋଧହୁଏ । ତେଣୁ ଅନେକ ବ୍ୟକ୍ତି ପ୍ରତି ସମ୍ଭୋଗ ସମୟରେ ଏହାକୁ ବ୍ୟବହାର କରନ୍ତି । କିନ୍ତୁ କିଛିଦିନ ବ୍ୟବହାର କରିବାଦ୍ୱାରା ନିଶାର ପରିମାଣ ବଢ଼ିଯାଏ ଓ ନିଶା ହେବାର କୁପ୍ରଭାବ ଦ୍ୱାରା ନିଶାଗ୍ରସ୍ତ ମନୁଷ୍ୟ ନପୁଂସକ ହୋଇଯାଏ ।

ସମସ୍ୟା :

ମାନସିକ ସମସ୍ୟା : ନିଶାସେବନ ଦ୍ୱାରା ମସ୍ତିଷ୍କରେ ଥିବା ସ୍ନାୟୁବିକ ରସ ଡୋପାମିନ୍, ସେରୋଟନିନ୍, ନରଆଡ୍ରେନାଲିନ୍ ଆଦିର ସାମୟିକ ବିଶୃଙ୍ଖଳା ହୁଏ । ଏହା ମସ୍ତିଷ୍କରେ ଥିବା ପୁରସ୍କାର କେନ୍ଦ୍ର (ଜରଙ୍ଗବକ୍ୱୟ ଉରଭଙ୍ଗକ୍ବର)କୁ ଉତେଜିତ କରେ ଓ ମନକୁ ଆନନ୍ଦ ଦିଏ । ମାତ୍ର ଯେଉଁମାନଙ୍କର ଏହି ବିଶୃଙ୍ଖଳା ଅଧିକ ତଥା ଚିରସ୍ଥାୟୀ ହୋଇଥାଏ, ମାନସିକ ସମସ୍ୟା ବାହାରେ । ତେଣୁ ଏହା ସମସ୍ତଙ୍କର ହୁଏନାହିଁ । ନିଶା ବ୍ୟବହାରଦ୍ୱାରା କେତେକ ସୁପ୍ତ ମାନସିକ ରୋଗ ଯଥା-ସିଜୋଫ୍ରେନିଆ, ମାନିଆ ଓ ମାନସିକ ବିଷାଦ ଆଦି ରୋଗ ଜାଗ୍ରତ ହୋଇପାରେ । ମନୁଷ୍ୟ ନିଜର ହିତାହିତ ଜ୍ଞାନ ହରାଇ ବସେ ଓ ସ୍ଥାନ, କାଳ ପାତ୍ରର ମର୍ଯ୍ୟାଦା ବୁଝିବାକୁ ଅକ୍ଷମ ହୋଇପଡ଼େ ।

ଶାରୀରିକ ସମସ୍ୟା : ଶାରୀରିକ ରୋଗମାନଙ୍କ ମଧ୍ୟରେ ଜଣ୍ଡିସ୍ ବା କାମଳ ରୋଗ ପ୍ରଧାନ । ଏହାଛଡ଼ା ପେପ୍‌ଟିକ ଅଲସର, ନ୍ୟୁରାଇଟିସ, ପାରାଲିସିସ୍ ରୋଗ ମଧ୍ୟ ଦେଖାଦିଏ । ନିଶାଗ୍ରସ୍ତ ଅବସ୍ଥାରେ ଦୁର୍ଘଟଣା ହୋଇ ହାଡ଼ ଭାଙ୍ଗିଯାଇପାରେ ବା ମସ୍ତିଷ୍କରେ ଧକ୍କା ବାଜି ରକ୍ତସ୍ରାବ ହୋଇ ସାରା ଜୀବନପାଇଁ ମନୁଷ୍ୟ ପଙ୍ଗୁ ହୋଇଯାଇପାରେ ।

ସାମାଜିକ ସମସ୍ୟା : ଆମ ଦେଶରେ କେତେକ ଲୋକ ନିଶା ବ୍ୟବହାର କରୁଛନ୍ତି ତାହା ସଠିକ୍ ଭାବେ ଜଣା ପଡୁ ନାହିଁ । କେବଳ ଯେଉଁମାନେ ନିଶାଦ୍ରବ୍ୟ ବ୍ୟବହାର କରିବା ଦ୍ୱାରା ଶାରୀରିକ ତଥା ମାନସିକ ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାରେ ଧାଡ଼ି ବାନ୍ଧି ଠିଆ ହେଉଛନ୍ତି, କେବଳ ସେହିମାନଙ୍କ ବିଷୟରେ ବୈଜ୍ଞାନିକ ବିଶ୍ଳେଷଣ କରାଯାଇପାରୁଛି । ଏହି ବିଶ୍ଳେଷଣରୁ ଜଣାପଡୁଛି ଯେ ଯୁବଗୋଷ୍ଠୀ ଓ କଲେଜ ଛାତ୍ରମାନେ ନିଶା ସେବନରେ ବୃଦ୍ଧ ଓ ମଧ୍ୟବୟସ୍କମାନଙ୍କ ଅପେକ୍ଷା ଆଗୁଆ ଅଛନ୍ତି । ଏହାର କାରଣ ଯୁବକ ଓ ଛାତ୍ରମାନେ ଦଳ ଦଳ ହୋଇ ଏକାଠି ନିଶା ବ୍ୟବହାର କରୁଛନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ନିଶା ଦ୍ରବ୍ୟର ବିକ୍ରି ଦିନକୁ ଦିନ ଦ୍ରୁତଗତିରେ ବଢ଼ି ଚାଲିଛି । ଅଧିକରୁ ଅଧିକ ବିକ୍ରି ହେଉଥିବା ନିଶାଦ୍ରବ୍ୟଗୁଡ଼ିକ ଯୁବ ସମାଜ ଓ ଛାତ୍ରସମାଜ ପ୍ରତି ଏକ ଭୟଙ୍କର ଧମକ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଶାଗ୍ରସ୍ତ ବ୍ୟକ୍ତି ଏକ ସାମାଜିକ ସମସ୍ୟା । ବ୍ୟକ୍ତିଗତ ଓ ପାରିବାରିକ ଜୀବନରେ ସେମାନେ ନିଜକୁ କୌଣସି ରକମ ଖାପ ଖୁଆଇପାରନ୍ତି ନାହିଁ । ସେମାନଙ୍କୁ ନିଶା ସେବନ ରୋଗରୁ ମୁକ୍ତ କରିବାକୁ ହେଲେ ଚିକିତ୍ସା ସହ ଉପଯୁକ୍ତ ଥଇଥାନ ବନ୍ଦୋବସ୍ତ ମଧ୍ୟ କରିବା ଆବଶ୍ୟକ ।

ଆଇନଗତ ସମସ୍ୟା : ବ□ମାନ ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କର ନୈତିକ ମାନ ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା । ଅପରାଧୀମାନଙ୍କୁ ପରୀକ୍ଷା କରି ଦେଖାଯାଇଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଶାଗ୍ରସ୍ତ ବା ନିଶା ଖାଇ ପାପକର୍ମ ଘଟାଇଛନ୍ତି । ତେଣୁ ୧୯୮୫ ମସିହାରେ ଭାରତ ସରକାର ନିଶା ବା ମାଦକ ଦ୍ରବ୍ୟର ବ୍ୟବହାର ବାରଣ ପାଇଁ ଏକ ଆଇନ ପ୍ରଣୟନ କରିଛନ୍ତି । ଏଥିରେ କେତେକ ନିର୍ଦ୍ଦିଷ୍ଟ ନିଶା ବ୍ୟବହାର ପାଇଁ ବାରଣ ଅଛି ଓ ସେଗୁଡ଼ିକ ରଖିବା ଓ ଅନ୍ୟମାନଙ୍କୁ ଖାଇବା ପାଇଁ ପ୍ରରୋଚନା କରିବା ଇତ୍ୟାଦି ଏକ ବଡ଼ ଅପରାଧ ହିସାବରେ ଯଥେଷ୍ଟ ଦଣ୍ଡ ଓ ଜେଲଭୋଗର ନିୟମାବଳୀ ପ୍ରଭୃତି ହୋଇଛି ।

ଚିକିତ୍ସା : ଔଷଧ ଦ୍ୱାରା ମଦ, ଗଞ୍ଜେଇ, ଭାଙ୍ଗ ଆଦି ନିଶାସେବନ କରିବାର ଇଚ୍ଛା ଓ ନିଶା ସେବନ ଦ୍ୱାରା ହେଉଥିବା ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା କରିହେବ । ନିଶାସେବନ ବନ୍ଦ ପାଇଁ ଅନେକ ପ୍ରକାର ଔଷଧ ବାହାରିଲାଣି । କେତେକ ଔଷଧ ଅଛି ଯାହାକୁ ଖାଇଲେ ନିଶାସେବନ କରୁଥିବା ବ୍ୟକ୍ତିର ଯେଉଁ ଲକ୍ଷଣ ଦେଖାଯାଏ, ସେଗୁଡିକ କମିଯାଏ । ଏପରି ଔଷଧ ମଧ୍ୟ ଅଛି ଯାହାଦ୍ୱାରା ନିଶାସେବନ କରିବାକୁ ଇଚ୍ଛା ହେବନାହିଁ । ଆଉ ଗୋଟିଏ ପ୍ରକାର ବଟିକା ଅଛି ତା'ର ପ୍ରଭାବରେ, ମଦ ଖାଇଲେ ବାନ୍ତିହେବ ଓ ମୁଣ୍ଡ ବିନ୍ଧିବ । ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ଏକ ଜରୁରୀ ଆବଶ୍ୟକ । ଏହି ଚିକିତ୍ସା କେବଳ ଯେ ଡାକ୍ତରମାନଙ୍କ ଦ୍ୱାରା ସମ୍ଭବ ହେବ, ଏହା ଭାବିବା ଉଚିତ ନୁହେଁ । କାରଣ ଏହା ଗୋଟିଏ ସାମାଜିକ ବ୍ୟାଧି, ଦେଶୀୟ ଓ ଅନ୍ତର୍ଦେଶୀୟ ସମସ୍ୟା । ତେଣୁ ଏହାର ଚିକିତ୍ସା ପାଇଁ ସମାଜର ପ୍ରତ୍ୟେକ ସ୍ତରରୁ ସ୍ୱେଚ୍ଛାସେବୀ ଆବଶ୍ୟକ । ଆଇନଜ୍ଞ, ପୋଲିସ, ଶିକ୍ଷାବିତ୍, ମନସ୍ତତ୍ୱବିତ୍ ତଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞଙ୍କ ବ୍ୟତୀତ ଏ ବିଷୟରେ ସମ୍ବାଦ ସରବରାହ ସଂସ୍ଥାର ସାହାଯ୍ୟ ନିହାତି ଆବଶ୍ୟକ ।

*ଦି'ବ୍ରେନ୍ ଫାଉଣ୍ଡେସନ,*
*ପୁରୀଘାଟରୋଡ଼, କଟକ*
*ମୋବାଇଲ-୯୧୩୨୪୩୩୩୩୩*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Thursday July 17 | ଭୁବନେଶ୍ୱର ଗୁରୁବାର, ୧୭, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


## ସୁସ୍ଥ ଉଜ୍ଜ୍ୱଳ ତ୍ୱଚ ପାଇଁ ସରଳ ଆୟୁର୍ବେଦୀୟ ଖାଦ୍ୟ ଉପଚାର

ଭୁବନେଶ୍ୱର ,(ପି.ଏନ): ବର୍ଷା ଋତୁରେ ଚର୍ମ ମଳିନ, ନିର୍ଜୀବ ଏବଂ ଚମକହୀନ ଦେଖାଯାଇଥାଏ। ସମସ୍ତେ ଏଥିପାଇଁ ଭିନ୍ନ ଭିନ୍ନ ଉପଚାର ବ୍ୟବହାର କରନ୍ତି ଯାହା ଅସ୍ଥାୟୀ ଆରାମ ପ୍ରଦାନ କରେ ଏବଂ ବେଳେବେଳେ ତ୍ୱଚାରେ ପ୍ରତିକୂଳ ପ୍ରଭାବ ମଧ୍ୟ ପଡ଼ିପାରେ। ତେଣୁ, ଆୟୁର୍ବେଦ ବିଶେଷଜ୍ଞ ଡା. ମଧୁମିଥା କିଷ୍ଟନ ସର୍ବୋତମ ଚର୍ମ ସ୍ୱାସ୍ଥ୍ୟ ଏବଂ ଭିତରରୁ ସାମଗ୍ରିକ ସୁସ୍ଥତାକୁ ସମର୍ଥନ କରିବା ପାଇଁ ସରଳ ପ୍ରାକୃତିକ ଉପଚାରର ଆଶ୍ରୟ ନେବାକୁ ପରାମର୍ଶ ଦେଇଛନ୍ତି। ସେ ଖାଦ୍ୟରେ ଆଲମଣ୍ଡ, ହର୍ବାଲ୍ ଚା ଏବଂ ହଳଦୀ ଭଳି ପ୍ରାକୃତିକ ଖାଦ୍ୟକୁ ସାମିଲ କରି ସୁସ୍ଥ ଆହାର ଏବଂ ସଚେତନ ଖାଦ୍ୟ ଚୟନ କରିବା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦିଅନ୍ତି। ଆୟୁର୍ବେଦ ପରାମର୍ଶ ଦିଏ ଯେ ପରିଷ୍କାର ଖାଦ୍ୟ ତିନୋଟି ଦୋଷ ଯଥା ବାତ, ପିତ ଏବଂ କଫକୁ ସଂନ୍ତୁଳିତ କରିବାରେ ସାହାଯ୍ୟ କରେ ଯାହା ଉତମ ଚର୍ମ ସହିତ ସାମଗ୍ରିକ ସ୍ୱାସ୍ଥ୍ୟ ସୁନିଶ୍ଚିତ କରେ। କାରଣ ଏକ ଭଲ ହଜମପ୍ରକ୍ରିୟା ହେଉଛି ସୁସ୍ଥ ଚର୍ମର ଚାବିକାଠି । ଆଲମଣ୍ଡରେ ବାତ ଦୋଷକୁ ସନ୍ତୁଳିତ କରିବାର କ୍ଷମତା ରହିଛି, ଯାହା ଶରୀର ଭିତରର ସମସ୍ତ କୋଷକୁ ଶକ୍ତିଶାଳୀ କରିଥାଏ। ପ୍ରକୃତରେ, ପାରମ୍ପରିକ ଆୟୁର୍ବେଦିକ ପ୍ରସ୍ତୁତିରେ ଆଲମଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଏ, ଯାହାକୁ ସମଗ୍ର ଭାରତରେ ଲୋକମାନେ



ବ୍ୟାପକ ଭାବରେ ଅନୁସରଣ କରନ୍ତି। ଯେତେବେଳେ ଚର୍ମ ସ୍ୱାସ୍ଥ୍ୟ କଥା ଆସେ, ଡାକ୍ତର ମଧୁମିତା ସୁସ୍ଥ, ଚର୍ମ ଉଜ୍ଜ୍ୱଳ କରିବା ପାଇଁ ପ୍ରତିଦିନ ଆଲମଣ୍ଡକୁ ଖାଦ୍ୟରେ ସାମିଲ କରିବାକୁ ପରାମର୍ଶ ଦିଅନ୍ତି। ଏହା ସହିତ, ଆୟୁର୍ବେଦ, ସିଦ୍ଧ ଏବଂ ୟୁନାନି ପରମ୍ପରାରୁ ପ୍ରକାଶିତ ଲେଖାଗୁଡ଼ିକ ଚର୍ମ ସ୍ୱାସ୍ଥ୍ୟ ପାଇଁ ଆଲମଣ୍ଡର ଉପକାରିତାକୁ ଆଲୋକପାତ କରିଛନ୍ତିଏବଂ ଏହାର ଚର୍ମ ଉଜ୍ଜ୍ୱଳତା ବୃଦ୍ଧି କରିବାର କ୍ଷମତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ହର୍ବାଲ ଟି ଯେପରିକି ଅଦା, ତୁଳସୀ ଏବଂ ଋମୋମାଇଲର ସହାୟତାରେ ଶରୀରକୁ ଯାବତୀୟ ପାଚ଼ନକ୍ରିୟାରେ ସାହାଯ୍ୟ କରେ, ଜ୍ୱଳନକାରୀତାକୁ ହ୍ରାସ କରେ ତଥା ଜୀବାଣୁ ନିରୋଧକାରୀ ଶକ୍ତି ଭାବରେ ରହି ଶରୀରରେ ସାଧାରଣ ଥଣ୍ଡା ଓ ଗଳା ଦରଜ ଭଳି ଲକ୍ଷଣ ବିରୋଧରେ ଲଢ଼େଇ କରିଥାଏ। ଡ଼କ୍ଟର ମଧୁମିଥାଙ୍କ ମତରେ ଅତି ସରଳ ଭାବରେ ପାଣିକୁ ଗରମ କରି ଏଥିରେ କିଛି ଅଦାକୁ ଖଣ୍ଡ କରି ପକାଇ ଓ ଏହା ସହିତ କିଛି ମାତ୍ରାରେ ମହୁ ଏବଂ ସ୍ୱାଦ ମୁତାବକ ଲୁଣକୁ ସାମିଲ କଲେ ଏହା ସଠିକ୍ ଭାବରେ ହଜମକ୍ରିୟାରେ ସାହାଯ୍ୟ କରିବା ସହିତ ଶରୀର ମଧ୍ୟରେ ତ୍ୱଋକୁ ଅତି ଭଲଭାବରେ ପରିଋଳନା କରିଥାଏ। ଏହା ସହିତ ଡା. ମଧୁମିଥା ଋତୁଜନିତ ଫଳ,ସବୁଜ ପନିବରିବା, ହଳଦି, ଘିଅ ଭଳି ଖାଦ୍ୟଗୁଡ଼ିକୁ ସାମିଲ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି।

## କିମ୍ସରେ ଓଡ଼ିଶାର ପ୍ରଥମ ସଫଳ ବହୁ-ଅଙ୍ଗ ପ୍ରତିରୋପଣ

### ଅଙ୍ଗ ଦାନ କରି ଦୁଇ ଜୀବନ ବଞ୍ଚାଇଲେ ସୌମ୍ୟ

ଭୁବନେଶ୍ୱର, ୧୬ ।୭: କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍ସ)ରେ ବହୁ-ଅଙ୍ଗ ପ୍ରତିରୋପଣ ସଫଳତାର ସହ କରାଯାଇଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଦୁଇଟି ଅଙ୍ଗ କିମ୍ସରେ ସଫଳତାର ସହ ପ୍ରତିରୋପଣ କରାଯାଇଛି। ନୟାଗଡ଼ର ୩୭ ବର୍ଷ ବୟସ୍କ ଯୁବକ ସୌମ୍ୟ ରଞ୍ଜନ ବେହେରାଙ୍କ ବ୍ରେନ୍ ଷ୍ଟ୍ରୋକ୍ ହେବା ପରେ ଜୁଲାଇ ୧୦ ତାରିଖରେ ତାଙ୍କୁ କିମ୍ସରେ ଭର୍ତ୍ତି କରାଯାଇଥିଲା। କିମ୍ସ ଡାକ୍ତରଙ୍କ ଅକ୍ଲାନ୍ତ ପରିଶ୍ରମ ସତ୍ତ୍ୱେ ସୌମ୍ୟଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିନଥିଲା। ଏଭଳି ପରିସ୍ଥିତିରେ ସୌମ୍ୟଙ୍କ ଅଙ୍ଗ ଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ସୌମ୍ୟଙ୍କ ପରିବାର ଚିନ୍ତା କରିଥିଲେ। କିମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଏହା ସମ୍ଭବ ହୋଇପାରିଥିଲା। ସୌମ୍ୟଙ୍କଠାରୁ ଦୁଇଟି ବୃକ୍କ ଏବଂ ଯକୃତ କଢାଯାଇ ଗୋଟିଏ ବୃକ୍କ କଟକର ଏସସିବି ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ପଠାଯାଇଥିଲା।



ଅନ୍ୟ ବୃକ୍କ ଏବଂ ଯକୃତ କିମ୍ସରେ ଦୁଇଜଣ ରୋଗୀଙ୍କଠାରେ ସଫଳ ପ୍ରତିରୋପଣ କରାଯାଇଥିଲା। ଏହା ଗୁରୁତର ଦୁଇ ରୋଗୀଙ୍କୁ ନୂତନ ଜୀବନ ପ୍ରଦାନ କରିଥିଲା।ସୌମ୍ୟଙ୍କ ବଡ଼ ଭାଇ ରବୀନ୍ଦ୍ର କୁମାର ବେହେରା ଏ ନେଇ ନିଜ ପ୍ରତିକ୍ରିୟାରେ କହିଥିଲେ,'ମୁଁ ମୋ ସାନ ଭାଇକୁ ହରାଇଛି କିନ୍ତୁ ତା ବଦଳରେ ମୋର ଅନ୍ୟ ଦୁଇ ଭାଇ ନୂତନ ଜୀବନ ପାଇଛନ୍ତି ।'ଏହି ମହାନ କାର୍ଯ୍ୟକୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଶଂସା କରିଛନ୍ତି। ଆଜି ସକାଳେ କିମ୍ସ କର୍ତ୍ତୃପକ୍ଷ ଯୁବକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶେଷ ସମ୍ମାନ ଜଣାଇଥିଲେ। ପୁରୀରେ ସୌମ୍ୟଙ୍କ ଶବଦାହ ସମୟରେ ଏକ ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର ଦିଆଯିବାର କାର୍ଯ୍ୟକ୍ରମ ରହିଛି।

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାକୁ ଲୋକଙ୍କ ନିକଟକୁ ପହଂଚ଼ାଇବା ବିକାଶ ମେଳା ଲକ୍ଷ୍ୟ

ରାୟଗଡ,(ପି.ଏନ): କେନ୍ଦ୍ରରେ ସରକାରଙ୍କ ୧୧ବର୍ଷ ପୂର୍ତି ଓ ଓଡିଶା ସରକାରର ୧ବର୍ଷ ପୂର୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲାରେ ଗୁରୁବାର ବିକାଶ ମେଳାର ଶୁଭାରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରାୟଗଡା ଜିଲାରେ ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକାଶ ବାହନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ପାରୁଲ ପଟାୱରୀ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ । ଏହି ବିକାଶ ବାହନ ଗୁରୁବାର ଠାରୁ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ବିଷୟରେ ଲୋକଙ୍କୁ ସଚେତନତା କରିବା ସହିତ ଜନସାଧାରଣ ସମସ୍ତ ସରକାରୀ ଯୋଜନାର କିଭଳି ଲାଭ ପାଇପାରିବେ ସେନେଇ ସଚେତନତା କରିବ । ନାରୀ ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନାରେ ୧କୋଟିରୁ ଉର୍ଦ୍ଧ ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ଆର୍ଥିକ ସହଯୋଗ, ୧୭ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବା, ଯୁବବର୍ଗ, ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚ଼ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ, ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ, ସରକାରୀ ଚ଼ାକିରି ସୀମା ୪୨ ବର୍ଷକୁ ବୃଦ୍ଧି, ରାଜ୍ୟରେ ସରକାର ଗଠନ ପରେ ପ୍ରଥମ ୧୦ ମାସରେ ୪୦,୨୬୬ ମୂଳ ପଦବୀ ପୂରଣ, ତୃଣମୂଳସ୍ତରରେ କ୍ରୀଡାର ବିକାଶ ପାଇଁ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଏବଂ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପାଇଁ ପ୍ରତିଶୃତି ଆଦି ଉପରେ ଏହି ବିକାଶ ରଥ ସଚେତନତା କରିବ । ସେହିଭଳି କୃଷକଙ୍କ ପାଇଁ ରାଜ୍ୟ ସରକାର ଆସିବା ପରେ ଧାନ ମୂଲ୍ୟ ବୃଦ୍ଧି ସହିତ ଇନପୁଟ୍ ସହାୟତା, ଶୀତଳ ଭଣ୍ଡାର, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ୧୯,୩୬୧.୬୯ କୋଟି ଟଙ୍କାର ଋଣ ପ୍ରଦାନ ଓ କାମଧେନୁ ଯୋଜନାରେ ରାଜ୍ୟରେ ୧୫ଲକ୍ଷରୁ ଅଧିକ ଦୁଗ୍ଧ ଚ଼ାଷୀ ଉପକୃତ ହେବା ଆଦି ଉପରେ ଲୋକଙ୍କୁ ସଚେତନତା କରାଯିବ । ସେହିଭଳି ଶ୍ରମିକଙ୍କ ପାଇଁ କାମ ସବୁ ହାତକୁ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ବିକାଶକୁ ଲୋକଙ୍କ ନିକଟକୁ ପହଂଚ଼ାଇବ ଏହି ବିକାଶ ବାହନ । ଏହାପରେ ସ୍ଥାନୀୟ ଅଶୋକ ମଣ୍ଡପ ଠାରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଂଶଗ୍ରହଣ କରି ମାଣ୍ଡିଆ ପିଠା ସମେତ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପାରୁଲ ପଟାୱରୀ ଉଦଘାଟନ କରିଥିଲେ । ଏହି ୧୦ ଦିନିଆ ବିକାଶ ମେଳା ଅବସରରେ ସ୍ଥାନୀୟ ଜିସିଡି ପଡିଆ ଠାରେ ୧୦ଦିନିଆ ବିକାଶ ମେଳା କାର୍ଯ୍ୟକ୍ରମକୁ ସନ୍ଧ୍ୟା ୫ଟାରେ ଜିଲାପାଳ ପାରୁଲ ପଟାୱରୀ ଯୋଗଦେଇ ଉଦଘାଟନ କରିଛନ୍ତି । ଏହା ଆସନ୍ତା ୧୦ ଦିନଯାଏଁ ଚ଼ାଲିବ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ତଥା ଯୁଗାନ୍ତକାରୀ ଯୋଜନା ବିଷୟରେ ଜିଲ୍ଲାପାଳ ପାରୁଲ ସୂଚ଼ନା ଦେଇଥିଲେ ।

## ପ୍ରାକୃତିକ ଉପାୟରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏହିସବୁ ଖାଦ୍ୟ

ଭୁବନେଶ୍ୱର,(ପି.ଏନ) : ସମଗ୍ର ଦେଶରେ ବୃଦ୍ଧି ପାଉଥିବା କୋଭିଡ଼ ସ୍ଥିତି ତଥା ଫ୍ଲୁ ମାମଲା ଗୁଡ଼ିକୁ ଦୃଷ୍ଟିରେ ରଖି ଆପଣଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତିକୁ ମଜବୁତ୍ କରିବା ତଥା ଏହାକୁ ଭଲ ଭାବରେ କ୍ରିୟାଶୀଳ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହି ପ୍ରସଙ୍ଗରେ ଡା. ରୋହିଣୀ ପାଟିଲ, ଏମବିବିଏସ ଏବଂ ନ୍ୟୁଟ୍ରିସନିଷ୍ଟଙ୍କ ମତରେ ଆଲମଣ୍ଡ, ହଳଦୀ, ଅଦା ଭଳି ପୋଷକ ତତ୍ୱରେ ଭରପୁର ଖାଦ୍ୟକୁ ସାମିଲ କରିବା ଦ୍ୱାରା ଏହା ଆପଣଙ୍କର ଶରୀରରେ ପ୍ରତିରୋଧୀ ପ୍ରଣାଳୀକୁ ଦୃଢ଼ କରିବା ସହିତ ଏହି ଋତୁ ପରିବର୍ତନ ସମୟରେ ଆପଣଙ୍କୁ ସୁସ୍ଥ ରଖିଥାଏ। କାଲିଫର୍ଣ୍ଣିଆ ଆଲମଣ୍ଡ ୧୫ଟି ଅତ୍ୟାବଶ୍ୟକୀୟ ପୌଷ୍ଟିକତତ୍ୱରେ ଭରପୁର । ଯେଉଁଥିରେ ରହିଛି ଉପାଦେୟ ଚ଼ର୍ବି, ପ୍ରୋଟିନ, ଜିଙ୍କ, ମ୍ୟାଗନେସିୟମ ତଥା ଭିଟାମିନ ଇ ଯାହାକି ହୃଦଜନିତ ସୁସ୍ଥତାକୁ ବଢ଼ାଇବା ସହିତ ଶରୀର ଶକ୍ତି ସ୍ତରକୁ ବୃଦ୍ଧି କରିଥାଏ। ଫୁଡ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆ (ଏଫଏସଏସଏଆଇ) ଅନୁମୋଦିତ ମୁତାବକ, ଆମ ଦୈନନ୍ଦିନ ଖାଦ୍ୟ ଅଭ୍ୟାସରେ ଆଲମଣ୍ଡର ଯୋଗଦାନ ଶରୀରରେ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି ସହିତ ଅତି ପ୍ରଭାବଶାଳୀ ଢ଼ଙ୍ଗରେ ଶରୀରକୁ ନିରୋଗ ରଖିବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ଗୋଟିଏ ମୁଠା ଆଲମଣ୍ଡ ଖାଦ୍ୟରେ ଗ୍ରହଣ ଦ୍ୱାରା ଏହା ଉତମ ଚ଼ର୍ମ ସ୍ୱାସ୍ଥ୍ୟ ତଥା ଶରୀରର ଓଜନ ପରିଋଳନାରେ ସାହାଯ୍ୟ କରିଥାଏ । ଜ୍ୱଳନ-ପ୍ରତିରୋଧକାରୀ ତଥା ଆଂଟିଅକ୍ସିଡାଂଟ ତତ୍ୱ ଭାବରେ ଜଣାଶୁଣା ହଳଦି ବିଶେଷଭାବରେ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି ଏବଂ ସଂକ୍ରମଣକୁ ପ୍ରତିହତ କରିବାରେ ଯଥେଷ୍ଟ ସାହାଯ୍ୟ କରେ । ଏହି ଫ୍ଲୁଜନିତ ସମସ୍ୟାରେ ତଥା ବିଶେଷ ଭାବରେ ମୌସୁମୀ ଋତୁରେ ଏହାକୁ ନିଜ ଖାଦ୍ୟରେ ସାମିଲ କରିବା ଅତି ଆବଶ୍ୟକ ଅଟେ। ସେହିଭଳି ଅଦା ପାଚ଼ନକ୍ରିୟାରେ ସାହାଯ୍ୟ, ଜ୍ୱଳନ ହ୍ରାସ ତଥା ଜୀବାଣୁ ନିରୋଧକାରୀ ଶକ୍ତି ଭାବରେ ରହି ଶରୀରରେ ସାଧାରଣ ଥଣ୍ଡା ଓ ଗଳା ଦରଜ ଭଳି ଲକ୍ଷଣ ବିରୋଧରେ ଏହା ଲଢ଼େଇ କରିଥାଏ।

## ରୟାଲ ଷ୍ଟାଗ୍ ବୁମବକ୍ସର ନୂଆ ମ୍ୟୁଜିକ ଭିଡିଓ 'ସାଏ'

କଟକ,(ପି.ଏନ): ୟୁନିଭର୍ସାଲ ମ୍ୟୁଜିକ ଗ୍ରୁପ ସହ ସହଭାଗିତାରେ ରୟାଲ ଷ୍ଟାଗ ବୁମବକ୍ସର ଫ୍ଲାଗସିପ ମ୍ୟୁଜିକ ଆଇପି, ରୟାଲ ଷ୍ଟାଗ ବୁମବକ୍ସ ଓରିଜିନାଲ୍ସ ଅଧିନରେ ଏକ ନୂଆ ଶୃଙ୍ଖଳା ସହ ଫେରିଛି। ରୟାଲ ଷ୍ଟାଗ ବୁମବକ୍ସ ପକ୍ଷରୁ ଚଳିତ ସିଜନର ଏହାର ପ୍ରଥମ ମ୍ୟୁଜିକ ଭିଡିଓ 'ସାଏ'ର ଉନ୍ମୋଚନ କରାଯାଇଛି ଯେଉଁଥିରେ ନିକିତା ଗାନ୍ଧୀ ଓ ଡିନୋ ଜେମ୍ସଙ୍କ ଏକ ଶକ୍ତିଶାଳୀ ଯୋଡି ଦେଖିବାକୁ ମିଳିବ। ଗତ ୩ ବର୍ଷରେ ଦେଶର ଅନେକ ୟୁଥ୍ ହବରେ ଦର୍ଶକଙ୍କ ମନ ଜିତିବା ପରେ ରୟାଲ ଷ୍ଟାଗ ବୁମବକ୍ସ ଏବେ ନିଜର ୨ୟ ସିଜନ ବୁମବକ୍ସ ଓରିଜିନାଲ୍ସ ସହ ପୁଣିଥରେ ଫେରିଛି। ୨ୟ ସିଜନରେ ଏଭଳି ସାଉଣ୍ଡଟ୍ରାକ ରହିଛି ଯାହା ବ୍ରାଣ୍ଡର 'ଲିଭିଂ ଇଟ ଲାର୍ଜ'ର ଉତ୍ସାହକୁ ପାଳନ କରୁଛି। ଏହି ନୂଆ ମ୍ୟୁଜିକ ଭିଡିଓ ଏବେ ୟୁଟ୍ୟୁବ, ସୋସିଆଲ ମିଡିଆ ଓ ସମସ୍ତ ପ୍ରମୁଖ ଅଡିଓ ପ୍ଲାଟଫର୍ମଗୁଡିକରେ ଲାଇଭ ରହିଛି। ଏହି ସହଭାଗିତା ସମ୍ପର୍କରେ ଗାୟିକା ନିକିତା ଗାନ୍ଧୀ କହିଛନ୍ତି, 'ଡିନୋଙ୍କ ସହ ସାଏରେ କାର୍ଯ୍ୟ କରିବା ଏକ ଉତ୍ସାହଜନକ ଅନୁଭୂତି ଥିଲା। ମୋତେ ରୟାଲ ଷ୍ଟାଗ ବୁମବକ୍ସ ଏଥିପାଇଁ ପସନ୍ଦ କାରଣ ଏହା କଳାକାରୀଙ୍କୁ ବିନା କୌଣସି ଫିଲ୍ଟରରେ କେବଳ ଶୁଦ୍ଧ ସଙ୍ଗୀତ ଓ କାହାଣୀ ସହ ନିଜକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା ଦେଇଥାଏ।'ସେହିପରି ଏହି ମ୍ୟୁଜିକ ଭିଡିଓ ସମ୍ପର୍କରେ ଡିନୋ ଜେମ୍ସ କହିଛନ୍ତି, 'ନିକିତାଙ୍କ ସହ କାର୍ଯ୍ୟ କରିବା ସମଗ୍ର ସଙ୍ଗୀତ ରଚନାକୁ ଉନ୍ନତ କରିଥିଲା, ଯାହା ଗୀତର ଉତ୍ସାହ ସହ ଉପଯୁକ୍ତ ଭାବେ ମେଳ ଖାଉଥିବା ଏକ ସତେଜ ଦିଗ ଆଣିଥିଲା। ଏହା ହିଁ ରୟାଲ ଷ୍ଟାଗ ବୁମବକ୍ସ ଓରିଜିନାଲ୍ସକୁ କଳାକାରଙ୍କ ପାଇଁ ଏକ ଆକର୍ଷଣୀୟ ପ୍ଲାଟଫର୍ମରେ ପରିଣତ କରୁଛି। ଏହା ଆମକୁ ସୃଜନଶୀଳତାକୁ ଆଗକୁ ବଢାଇବା ଓ ନୂଆ କ୍ଷେତ୍ରଗୁଡିକୁ ଅନ୍ୱେଷଣ କରିବାକୁ ପ୍ରୋତ୍ସାହିତ କରୁଛି।' ପର୍ନଡ ରିକାର୍ଡ ଇଣ୍ଡିଆର ଗ୍ଲୋବାଲ ବିଜ୍ନେସ୍ ଡେଭ୍ଲପମେଂଟର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଓ ମୁଖ୍ୟ କାର୍ତିକ ମହିନ୍ଦ୍ରା କହିଛନ୍ତି, 'ରୟାଲ ଷ୍ଟାଗ ବୁମ୍ବକ୍ସ ଓରିଜିନାଲ୍ସ ସହିତ ଆମେ ଉତ୍ସାହଜନକ ନୂଆ ସଙ୍ଗୀତ କ୍ଷେତ୍ର ସହ ଏହି ଅନୁଭୂତିକୁ ନୂଆ ଉଚ୍ଚତାକୁ ନେବା ପାଇଁ ପ୍ରସ୍ତୁତ ରହିଛୁ, ଯାହା ବଲିଉଡର ମେଲୋଡି ସହ ହିପ୍ହପର ରୋମାଂଚକର ବିଟକୁ ମିଶ୍ରଣ କରୁଛି।' ଅନ୍ୟପକ୍ଷରେ ଏହି ସହଭାଗିତା ସମ୍ପର୍କରେ ୟୁଏମଜି ଫର୍ ବ୍ରାଣ୍ଡ୍ସର ଇଣ୍ଡିଆ ଆଣ୍ଡ ସାଉଥ ଏସିଆ ବିଭାଗର ଏସଭିପି ଓ ବ୍ୟବସାୟ ମୁଖ୍ୟ ପ୍ରୀତି ନାୟର କହିଛନ୍ତି, 'ୟୁଏମଜି ଫର୍ ବ୍ରାଣ୍ଡ୍ସରେ ଆମେ ଏଭଳି ଏକ ପ୍ଲାଟଫର୍ମକୁ ସପୋର୍ଟ କରି ଗର୍ବିତ ଯାହା କଳାକାରଙ୍କୁ ପରୀକ୍ଷଣ କରିବା, ବିଭିନ୍ନ ଜେନରକୁ ମିଶ୍ରଣ କରିବା ଓ ଯୁବପିଢିଙ୍କୁ ଆକର୍ଷିତ କରୁଥିବା ସଙ୍ଗୀତ ସୃଷ୍ଟି କରିବା ପାଇଁ ସୁଯୋଗ ଦେଇଥାଏ। ରୟାଲ ଷ୍ଟାଗ ବୁମ୍ବକ୍ସ ଓରିଜିନାଲ୍ସ ବିଭିନ୍ନ ସଙ୍ଗୀତ ଦୁନିଆର ଅତୁଳନୀୟ ସ୍ୱରଗୁଡିକୁ ଏକତ୍ରିତ କରିବା ଓ ତାହାକୁ ଅବିସ୍ମରଣୀୟ ସହଯୋଗିତାରେ ପରିଣତ କରିବା ଜାରି ରଖିଛି। ଏହା ଭାରତର ବିକଶିତ ସଙ୍ଗୀତର ଏକ ବାସ୍ତବ ପ୍ରତିଫଳନ ଅଟେ।'




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray